ଧରିତ୍ରୀ
DHARITRI
ବୁଧବାର, ୧୬ ଡିସେମ୍ବର, ୨୦୨୦

**ଆକ୍ରାନ୍ତ ସଂଖ୍ୟା ୫୬୭୧**

**ଢେଙ୍କାନାଳ ଅଫିସ, ୧୫।୧୨:** ଢେଙ୍କାନାଳ ଜିଲାରୁ ମଙ୍ଗଳବାର ୩ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨ ଜଣ ଆରୋଗ୍ୟ ଲାଭ କରିଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକରୁ ୨ ଏବଂ ଢେଙ୍କାନାଳ ପୌରାଞ୍ଚଳରୁ ଜଣେ ଅଛନ୍ତି। ଏହାକୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫,୬୭୧ ଏବଂ ସୁସ୍ଥଙ୍କ ସଂଖ୍ୟା ୫,୬୨୩ରେ ପହଞ୍ଚିଛି।



# କୋଳ ପାଉଛନ୍ତି କୋମଳମତି

**ଢେଙ୍କାନାଳ ଅଫିସ, ୧୫।୧୨**



ଆମେରିକା ଦମ୍ପତିଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଏକ ଶିଶୁ।

ଶୈଶବରେ ଯନ୍ତ୍ରଣା। କିଏ ହରାଇଛି ମା'ବାପାଙ୍କୁ ତ ପିତୃତ୍ୱ ପରିଚୟ ଭୟରେ ଆଉ କାହାକୁ ନାହି ନାଡ଼ କଟା ହେବା ଆଗରୁ ପର କରିଦେଇଛି ଜନ୍ମକଲା ମା'। ମରଣ ମୁହଁରୁ କିଏ ବଞ୍ଚିଯାଇଛି ତ ଆଉ କିଏ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାବେଳେ ଆସିଛି ଉଦ୍ଧାର ହୋଇ। ସମସ୍ତଙ୍କ କାହାଣୀ ପାଖାପାଖି ଗୋଟିଏ। ଯନ୍ତ୍ରଣା ବି ସମାନ। ଏସବୁ ଭିତରେ ପରିଚୟ ପାଇଁ ସଂଘର୍ଷ। ତଥାପି ଅନେକ ନିଷ୍ପାପ ଆଖି ଖୋଜେ ବୋଉର ପଣତ। ଲୋଡ଼େ ବାପା ଭଳି ମଣିଷଟାର ସ୍ନେହସୋହାଗ। କୋଳଟିଏ ପାଇଁ କାନ୍ଦେ କଅଁଳ ମନ। ହେଲେ ଆଇନର ଜଟିଳ ପ୍ରକ୍ରିୟା ଅନେକଙ୍କୁ ଭାଗ୍ୟ ଗଢ଼ିବାର ସୁଯୋଗ ଦିଏନା। ଯେଉଁମାନଙ୍କୁ ଏହା ମିଳେ, ସେମାନଙ୍କ ପାଇଁ ଅପେକ୍ଷା କରିଥାଏ ନୂତନ ସକାଳ। ଢେଙ୍କାନାଳ ଜିଲାରେ ଗତ ୩ ବର୍ଷ ଭିତରେ ଏଭଳି ୨୬ ଅସହାୟ ଶିଶୁଙ୍କୁ ମିଳିଛି କୋଳ। ପୋଷ୍ୟ ଭାବେ ଗ୍ରହଣ ହେବା ପରେ ସୁନେଲି ଭବିଷ୍ୟତ ଆଡ଼କୁ ଖୋଲିଯାଇଛି ସେମାନଙ୍କ ରାସ୍ତା। ଛେଉଣ୍ଡ ପିଲା ପରିବାର ପାଇବା ପରେ ବଦଳିଯାଇଛି ସେମାନଙ୍କ ଜୀବନ।

ଢେଙ୍କାନାଳ ଜିଲାରେ ୨୦୧୭ ଜୁଲାଇ ୧ରେ ଆରମ୍ଭ ହୋଇଥିଲା ପୋଷ୍ୟ ସନ୍ତାନ ଗ୍ରହଣ କାର୍ଯ୍ୟକ୍ରମ। ଜିଲା ଶିଶୁ ସୁରକ୍ଷା ବିଭାଗ ତତ୍ତ୍ୱାବଧାନରେ

- ଢେଙ୍କାନାଳରେ ବଢ଼ୁଛି ଆଗ୍ରହ
- ୩ ବର୍ଷରେ ୨୬ ଶିଶୁ ପୋଷ୍ୟ
- ୭ଜଣଙ୍କୁ କୋଳାଇଛନ୍ତି ବିଦେଶୀ

ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଶିଶୁଗୃହ ଦ୍ୱାରା ପରିଚାଳିତ ସ୍ପେଶିଆଲାଇଜ୍‌ଡ ଆଡପ୍ସନ ଏଜେନ୍ସି (ଏସ୍‌ଏଏ) ମାଧ୍ୟମରେ ଏହା ଜାରି ରହିଛି। ଗତ ୩ ବର୍ଷର ତଥ୍ୟକୁ ଆକଳନ କଲେ ଜିଲାରୁ ପାଖାପାଖି ୩୦ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୨୬ଜଣ ପୋଷ୍ୟ ଭାବେ ଗ୍ରହଣ ହୋଇଛନ୍ତି। ଦେଶର ବିଭିନ୍ନ ସ୍ଥାନରୁ ଦମ୍ପତି ୧୯ ଶିଶୁଙ୍କୁ କୋଳେଇ ନେଇଥିଛନ୍ତି। ସେମାନଙ୍କ ମଧ୍ୟରେ ୧୦ ବାଳକ, ୯ ବାଳିକା ରହିଛନ୍ତି। ସେହିପରି ବିଦେଶୀ ଦମ୍ପତିଙ୍କ ପକ୍ଷରୁ ୬ ବାଳିକା ଏବଂ ଜଣେ ବାଳକଙ୍କୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଛି। ଦେଶରେ ପୁତ୍ର ସନ୍ତାନ ଏବଂ ବିଦେଶୀଙ୍କ ନିକଟରେ କନ୍ୟା ସନ୍ତାନକୁ ପୋଷ୍ୟ ଭାବେ ଗ୍ରହଣ କରିବା ଲାଗି ଆଗ୍ରହ ପ୍ରକାଶ ପାଉଥିବା ଏଥିରୁ ଜଣାପଡ଼ିଛି। ଜିଲାରେ ପୋଷ୍ୟସନ୍ତାନ ଗ୍ରହଣ ଦିଗରେ ଉତ୍ସାହ ଦେଖିବାକୁ ମିଳିଛି। ଏଥିଲାଗି ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଏକ ସଚେତନତା ରଥ ମଧ୍ୟ ପରିକ୍ରମା କରୁଛି।

ଏ ସଂକ୍ରାନ୍ତରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନର ସମ୍ପାଦକ ପ୍ରଦୀପ ସାହୁ କୁହନ୍ତି, ଆମେରିକା, ଇଟାଲୀ, ସ୍ପେନ୍ ଆଦି ଦେଶର ଦମ୍ପତି ଆସି ପୋଷ୍ୟ ଶିଶୁ ଗ୍ରହଣ କରିଛନ୍ତି। ଶିଶୁ ହସ୍ତାନ୍ତର ପୂର୍ବରୁ ସେଣ୍ଟ୍ରାଲ ଆଡପ୍‌ଶନ ରିସୋର୍ସ ଅଥରିଟି (କାରା) ନିୟମକୁ ତନ୍ନତନ୍ନ କରି ଅନୁଧ୍ୟାନ କରାଯାଇଥାଏ। ଆଗ୍ରହୀ ଦମ୍ପତିଙ୍କଠାରୁ ଲିଖିତ ଇଚ୍ଛାପତ୍ର ଗ୍ରହଣ କରାଯାଇଥାଏ। ଆବଶ୍ୟକ କାଗଜପତ୍ର ଦାଖଲ ପରେ ପୋଷ୍ୟ ସନ୍ତାନ ଗ୍ରହଣରେ ମୋହର ବାଜେ। ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ କୁହନ୍ତି, ପୋଷ୍ୟ ସନ୍ତାନ ଗ୍ରହଣ ନେଇ ସାମାଜିକ କର୍ମୀମାନେ ଶିଶୁଙ୍କ ସମ୍ପର୍କରେ ରିପୋର୍ଟ ସଂଗ୍ରହ କରୁଛନ୍ତି। ଏପରି ମହତ୍ କାର୍ଯ୍ୟ ଲାଗି ଅନେକେ ଆଗ୍ରହୀ ହେଉଛନ୍ତି। ଜିଲାରେ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି।

## କ'ଣ ରହିଛି ନିୟମାବଳୀ

ଭାରତରେ ପୋଷ୍ୟସନ୍ତାନ ଗ୍ରହଣ ଏକ ଜଟିଳ ପ୍ରକ୍ରିୟା। ଏଥିଲାଗି କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଛି ସେଣ୍ଟ୍ରାଲ ଆଡପ୍ସନ ରିସୋର୍ସ ଅଥରିଟି (କାରା)। ସମସ୍ତ ନିୟମାବଳି ପୂରଣ କରିପାରୁଥିବା ଦମ୍ପତିହିଁ ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ। ସେହିପରି ରାଜ୍ୟସ୍ତରରେ ଏଥିଲାଗି ରହିଛି ଷ୍ଟେଟ୍ ଆଡପ୍ସନ ରିସୋର୍ସ ଏଜେନ୍ସି (ସାରା)।

ପୋଷ୍ୟସନ୍ତାନ ଗ୍ରହଣ ଲାଗି ଆଗ୍ରହୀ ଦମ୍ପତିଙ୍କୁ ପ୍ରଥମେ 'କାରା'ର ଅନ୍‌ଲାଇନ୍‌ରେ ପଞ୍ଜୀକୃତ ହେବାକୁ ପଡ଼ିବ। ଏହାପରେ ସରକାରଙ୍କ ପକ୍ଷରୁ ଏକ ସ୍ୱେଚ୍ଛାସେବୀ ସଂସ୍ଥାର ପ୍ରତିନିଧିଙ୍କୁ ସେମାନଙ୍କ ହୋମ୍ ଷ୍ଟଡି ପାଇଁ ପଠାଯିବ। ଏହି ରିପୋର୍ଟ ସମ୍ପୂର୍ଣ୍ଣ ଗୁପ୍ତ ରଖାଯିବ। ଆବେଦନ କରିଥିବା ଦମ୍ପତିଙ୍କ ନାମ କ୍ରମିକ ଭାବେ ରହିବ। ଜଣେ ବ୍ୟକ୍ତି ୩ ରାଜ୍ୟରୁ ପୋଷ୍ୟ ସନ୍ତାନ ଗ୍ରହଣ ଲାଗି ଆବେଦନ କରିପାରିବେ। କ୍ରମିକ ସଂଖ୍ୟା ଅନୁଯାୟୀ ସେମାନଙ୍କ ପାଳି ଆସିଲେ ଇ-ମେଲକୁ ମେସେଜ ପଠାଯିବ। ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଉଦ୍ଦିଷ୍ଟ ସଂସ୍ଥାରେ ଦମ୍ପତି ପହଞ୍ଚିବା ପରେ ସେମାନଙ୍କୁ ଯାଞ୍ଚ କରାଯିବ। ଏହାପରେ ପରିବାର ଅଦାଲତରେ ସେମାନେ ଆବେଦନ କରିବେ। ଶୁଣାଣି ହେବାପରେ ସେମାନେ ବିଧିବଦ୍ଧ ଭାବେ ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ। ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ହସ୍ତାନ୍ତର କରାଯାଇଥାଏ। ପୋଷ୍ୟ ସନ୍ତାନ ଗ୍ରହଣ ପରେ ବି ନିୟମିତ ରିପୋର୍ଟ ସଂଗ୍ରହ କରାଯାଏ। ପ୍ରତି ୬ମାସରେ ସାମାଜିକ କର୍ମୀମାନେ ତଥ୍ୟ ସଂଗ୍ରହ କରି ଦାଖଲ କରିଥାନ୍ତି। ଏସବୁ କାର୍ଯ୍ୟ ଲାଗି ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ର ଅନୁମୋଦିତ ପ୍ରମାଣପତ୍ର ମଧ୍ୟ ଆବଶ୍ୟକ।

## ସଂକ୍ଷେପରେ

### ଭଙ୍ଗାଗଲା ଲକ୍ଷେ ଇଟା



**ବଇଣ୍ଡା, ୧୫।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା କିଶୋରନଗର ତହସିଲ ପକ୍ଷରୁ ସରକାରୀ ଜମିରେ ଗଢ଼ିଉଠିଥିବା ବେଆଇନ ଇଟାଭାଟି ଉପରେ ଚଢ଼ାଉ ଅଭିଯାନ ଆରମ୍ଭ ହୋଇଛି। ସଞ୍ଜମୁରା ପଞ୍ଚାୟତ ଅନ୍ତର୍ଗତ ଦେ-କୁରୁଡ଼ ଗ୍ରାମ ନିକଟରେ ଥିବା ଏକ ଇଟାଭାଟି ଉପରେ ମଙ୍ଗଳବାର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଚଢ଼ାଉ କରିଥିଲେ। ଗଢ଼ାଯାଇଥିବା ଲକ୍ଷାଧିକ ଇଟା ଜେସିବି ସହାୟତାରେ ନଷ୍ଟ କରାଯାଇଛି। ଘଟଣାସ୍ଥଳରୁ ୨୦ ଟ୍ରିପ୍ ଜାଳେଣି ଜବତ କରାଯାଇଛି। ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ, ଏଏସଆଇ ପବିତ୍ର ମୋହନ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଦେ-କୁରୁଡ଼ ଅଞ୍ଚଳର ଜଣେ ବ୍ୟକ୍ତି ସରକାରୀ ଜମିରେ ଲକ୍ଷାଧିକ ଇଟା ପକାଇଥିବା ଅଭିଯୋଗ ହୋଇଥିଲା। ଏହାପରେ ତହସିଲ ପ୍ରଶାସନ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା। ତେବେ ଅଭିଯୁକ୍ତଙ୍କ ନାମରେ କୌଣସି ମାମଲା ରୁଜୁ ହୋଇନାହିଁ। ଅନ୍ୟପଟେ ପ୍ରଶାସନର ଏପରି କାର୍ଯ୍ୟାନୁଷ୍ଠାନ ପରେ ବେଆଇନ ଇଟାଭାଟି ମାଲିକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ବେଆଇନ ଇଟାଭାଟି ଚିହ୍ନଟ କରାଯାଇ ପଦକ୍ଷେପ ନିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

### ପଥର ଚୋରା ଚାଲାଣ ରୋକିବ ସ୍ୱତନ୍ତ୍ର ସ୍କ୍ୱାଡ୍

**ଢେଙ୍କାନାଳ ଅଫିସ, ୧୫।୧୨:** ଢେଙ୍କାନାଳ ଜିଲାର ଜଙ୍ଗଲ କିସମ ଜମିରେ ଥିବା ବେଆଇନ ପଥର ଖାଦାନରୁ ଚୋରା ଚାଲାଣ ରୋକିବାକୁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯିବ। ନିହଲପ୍ରସାଦ ଥାନା କରଡ଼ାବଣି ଗ୍ରାମ ନିକଟ ଖାଦାନରେ ୫ଦିନ ତଳେ ଚଢ଼ାଉ ବେଳେ ପଥର ମାଫିଆଙ୍କ ଆକ୍ରମଣର ଶିକାର ହୋଇଥିଲେ ବନ କର୍ମଚାରୀ। ଚୋରା ପଥର ବ୍ୟବସାୟୀଙ୍କ ଦୌରାତ୍ମ୍ୟ ରୋକିବାକୁ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି। କରଡ଼ାବଣି ଆକ୍ରମଣ ଘଟଣାରେ ପୋଲିସ ମାତ୍ର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅନ୍ୟମାନଙ୍କୁ ଗିରଫ କରିବାକୁ ଡିଏଫ୍‌ଓ ମଙ୍ଗଳବାର ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି। କରଡ଼ାବଣି ଖାଦାନରୁ ସୀମାନ୍ତ ଯାଜପୁରକୁ ପଥର ଚାଲାଣ ହେଉଛି। ଅଭିଯୁକ୍ତମାନେ ଆକ୍ରମଣ ଘଟାଇବା ପରେ ସମ୍ପୃକ୍ତ ଅଞ୍ଚଳକୁ ପଳାଇଥିବା ସୂଚନା ମିଳିଛି। ଆବଶ୍ୟକ ପଡିଲେ ଏ ସଂକ୍ରାନ୍ତରେ ଯାଜପୁର ଏସ୍‌ପିଙ୍କ ସହ ଆଲୋଚନା କରାଯିବ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

### ଗୋଲକବିହାରୀ ଧଳଙ୍କ ଜୟନ୍ତୀ

**ଢେଙ୍କାନାଳ ଅଫିସ, ୧୫।୧୨:** ସୁସାହିତ୍ୟିକ, ଭାଷାବିଜ୍ଞାନୀ ତଥା ଶିକ୍ଷାବିତ୍ ଗୋଲକ ବିହାରୀ ଧଳଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ମଙ୍ଗଳବାର ସଦର ବ୍ଲକ ଛଦେଶ ଅଞ୍ଚଳର ନୀଳକଣ୍ଠେଶ୍ୱର ମନ୍ଦିରରେ ପାଳିତ ହୋଇଯାଇଛି। ଛଦେଶ ସାହିତ୍ୟ ସଂସଦ ସଭାପତି ନୀଳମଣି ମହାରଣାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗୋଲକ ବିହାରୀଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧାରଣ ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ, ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ସଙ୍ଗଠନ ସମ୍ପାଦକ ଇଂ. ଫକୀର ମୋହନ ସାହୁ, ପତ୍ରିକା ସମ୍ପାଦକ କାଳୀଚରଣ ତ୍ରିପାଠୀ, ସଦସ୍ୟା ଭୂପତି ଭୂଷଣ ନନ୍ଦ, ମାଧବାନନ୍ଦ ଶତପଥୀ, ସୁଦର୍ଶନ ସେଠୀ, ଦୁର୍ଯ୍ୟୋଧନ ନାୟକ, ଲକ୍ଷ୍ମୀଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ଧାନଗଦା ଜଳିଗଲା

**ଆଠମଲ୍ଲିକ, ୧୫।୧୨(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ମଦନପୁର ଗ୍ରାମର ଚାଷୀ ଘନଶ୍ୟାମ ମହାକୁଡ଼ଙ୍କ ଧାନଗଦାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଅମଳ ହେବାକୁ ଥିବା ପ୍ରାୟ ୧୫ ହଜାର ଟଙ୍କାର ଧାନ ଜଳିଯାଇଥିବା ସେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତହସିଲଦାର, ରାଜସ୍ୱ ଅଧିକାରୀ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ରାସ୍ତାକାମକୁ ନେଇ ରକ୍ତାକ୍ତ ସଂଘର୍ଷ, ୩ ଆହତ

**ରାସୋଳ, ୧୫।୧୨(ଡି.ଏନ.ଏ.):** ରାସୋଳ ଥାନା ଅଧୀନ ଅଁଳାବେଡ଼ା ଗ୍ରାମରେ ରାସ୍ତାକାମ ଓ ଗଛକଟାକୁ ନେଇ ଦୁଇଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ହୋଇଛି। ଠେଙ୍ଗା ଏବଂ ଭୁଜାଲି ଆକ୍ରମଣରେ ଉଭୟ ପକ୍ଷରୁ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁଚିତ୍ରା ବିଶ୍ୱାଳ, ମୂଳିଆ ବିଶ୍ୱାଳ ଏବଂ କୈବଲ୍ୟ ବିଶ୍ୱାଳ। ଗ୍ରାମରେ ରାସ୍ତାକାମ ଚାଲୁଥିବାବେଳେ ଠିକାଦାର କିଛି ଗଛ କାଟିଦେଇଥିଲେ। ଏହାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥିଲା। ଉଭୟ ପକ୍ଷରୁ ପୃଥକ୍ ମାମଲା ରୁଜୁ ହୋଇଛି। ପୋଲିସ ନିରଞ୍ଜନ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ ଏବଂ ହୃଦା ବିଶ୍ୱାଳଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

## ୧୨୨ ଲିଟର ମଦ ଜବତ, ୪ ଗିରଫ

**ବଇଣ୍ଡା, ୧୫।୧୨(ଡି.ଏନ.ଏ.):** ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ କିଶୋରନଗର ଥାନା ଅଞ୍ଚଳରେ ମଙ୍ଗଳବାର ଚଢ଼ାଉ କରାଯାଇ ୧୨୨ ଲିଟର ଚୋରା ଦେଶୀମଦ ଜବତ କରାଯାଇଛି। ଏହି ଘଟଣାରେ ବଡ଼ରୋହିଲା ଗ୍ରାମର ପ୍ରସିମା ସାହୁ, ବାଦିବାହାଳ ଗ୍ରାମର ଶ୍ୟାମସୁନ୍ଦର ବେହେରା, ଝାରବନ୍ଧଲୀ ଗ୍ରାମର ପ୍ରମୋଦ ମିର୍ଦ୍ଧା, ଧଡ଼ରପାଳ ଗ୍ରାମର ମହେଶ୍ୱର ମିର୍ଦ୍ଧାଙ୍କୁ ଗିରଫ କରାଯାଇଛି। ଅନୁଗୋଳ ଅବକାରୀ ଅଧୀକ୍ଷକ ରାଜେନ୍ଦ୍ର ନାରାୟଣ ନାୟକଙ୍କ ନିର୍ଦ୍ଦେଶରେ ଅବକାରୀ ଉପନିରୀକ୍ଷକ ରବୀନ୍ଦ୍ରନାଥ ପ୍ରଧାନ ସଦଳବଳ ଚଢ଼ାଉ କରିଥିଲେ।

# ଡିପୋରୁ କୋଇଲା ପରିବହନ ଦାବି



ଗୁଣ୍ଡୁରିମୁଣ୍ଡାସ୍ଥିତ କୋଇଲା ଡିପୋ।

**ବଇଣ୍ଡା, ୧୫।୧୨(ଡି.ଏନ.ଏ.)**

- ମୁଖ୍ୟମନ୍ତ୍ରୀଙ୍କୁ ଦିଆଗଲା ଦାବିପତ୍ର
- ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବିକାଶରେ ସାଜିଛନ୍ତି ବାଧକ
- ହାତବାନ୍ଧି ବସିଛନ୍ତି ବେକାର ଯୁବକ
- କାର୍ଯ୍ୟକ୍ଷମ ହେଲେ ମିଳିବ ରୋଜଗାର

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ପଞ୍ଚାୟତ ଅଧୀନ ଗୁଣ୍ଡୁରିମୁଣ୍ଡାସ୍ଥିତ ଘରୋଇ କମ୍ପାନୀର କୋଇଲା ଡିପୋରୁ ପରିବହନ ଆରମ୍ଭ କରିବାକୁ ଦାବି କରିଛନ୍ତି ଅଞ୍ଚଳବାସୀ। ଏ ସଂକ୍ରାନ୍ତରେ ସେମାନେ ମଙ୍ଗଳବାର ମୁଖ୍ୟମନ୍ତ୍ରୀ, ପରିବେଶ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଜିଲାପାଳ, ଏସ୍‌ପି, ତହସିଲଦାର, ଆର୍‌ଡିସି, ଏମ୍‌ପି, ବିଧାୟକ, କେନ୍ଦ୍ର ରେଳମନ୍ତ୍ରୀ, ରେଲୱେ ବୋର୍ଡ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି, ଉକ୍ତ ଡିପୋକୁ ତାଳଚେରରୁ କୋଇଲା ଆସିବ। ଏଠାରୁ ଟ୍ରେନ୍ ସହାୟତାରେ ବିଭିନ୍ନ ସ୍ଥାନକୁ ଯୋଗାଣ କରାଯିବ। ତେବେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଗ୍ରାମବାସୀଙ୍କୁ ମତାଇ ଡିପୋକୁ ବିରୋଧ କରି ଆସୁଛନ୍ତି। ଫଳରେ କୋଇଲା ପରିବହନ ହୋଇପାରୁନାହିଁ। ଗ୍ରାମର ୧୨୩ ପରିବାରର ୮୦୦ ଲୋକ ବସବାସ କରୁଛନ୍ତି। କରୋନା ମହାମାରୀ ସମୟରେ ଅନ୍ୟ ରାଜ୍ୟରେ କାମ କରୁଥିବା ଯୁବକମାନେ ଫେରି ଆସିଛନ୍ତି। କର୍ମ ନିୟୋଜନ ନ ଥିବାରୁ ସେମାନଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ଆଗ୍ରହୀ ଯୁବକଙ୍କୁ ଡିପୋରେ କାମ କରିବାକୁ ସୁଯୋଗ ଦେଲେ ସେମାନେ ରୋଜଗାର ପାଇପାରନ୍ତେ। ହେଲେ ଏକ ଅସାମାଜିକ ଗୋଷ୍ଠୀ ଏହାକୁ କରାଇ ଦେଉନାହାନ୍ତି। ତେଣୁ ସରକାର ଏବଂ ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ତୁରନ୍ତ କୋଇଲା ପରିବହନ ଆରମ୍ଭ କରିବାକୁ ଗ୍ରାମ ସଭାପତି ପ୍ରମୋଦ ବେହେରା, ଲକ୍ଷ୍ମଣ ମେହେର, ବିଦେଶୀ ବେହେରା, ସଞ୍ଜୟ ବେହେରା, କିଶୋର ଚନ୍ଦ୍ର ନାୟକ, ମଦନ ନାୟକ, କରୁଣାକର ବେହେରା, ସୁଲୋଚନା ବେହେରା, ମଦନ ନାୟକ ପ୍ରମୁଖ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଗୁଣ୍ଡୁରିମୁଣ୍ଡାସ୍ଥିତ କୋଇଲା ଡିପୋ ୫-୬ମାସ ତଳେ ଆରମ୍ଭ ହୋଇଥିଲା। ଏଠାକୁ ତାଳଚେର ସମେତ ବିଭିନ୍ନ ସ୍ଥାନରୁ ୧୨୦ ଗାଡ଼ି କୋଇଲା ଆସିଥିଲା। ହେଲେ ଏହାକୁ ସେତେବେଳେ ସ୍ଥାନୀୟ ଅଞ୍ଚଳର କେତେଜଣ ବିରୋଧ କରିଥିଲେ। ଏହା ପରଠାରୁ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ଆସିଥିବା କୋଇଲା ରାସ୍ତା ପାର୍ଶ୍ୱରେ ଗଦା ହୋଇରହିଛି।

## 'ମନୋମାଳିନ୍ୟ ଭୁଲି ଏକାଠି କାମ କର'

**ପରଜଙ୍ଗ, ୧୫।୧୨(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ରେଙ୍ଗାଳି ପାଣି ପଞ୍ଚାୟତ ସଭାଗୃହରେ ମଙ୍ଗଳବାର କଂଗ୍ରେସର ବ୍ଲକସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସନ୍ତୋଷ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପ୍ରଭାରୀ ରଜତ ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମନୋମାଳିନ୍ୟ ଭୁଲି ଏକାଠି କାମ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ସଭାପତି ସରୋଜ ପଟ୍ଟନାୟକ, ସମ୍ମାନିତ ଅତିଥି ପୂର୍ବତନ ଜିଲା ସଭାପତି ସୁରେଶ ପାଣିଗ୍ରାହୀ, ଶରତ ଚନ୍ଦ୍ର ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗକୁ ନିର୍ବାଚନ ଆସୁଥିବାରୁ ଏଥିଲାଗି ଆଗୁଆ ପ୍ରସ୍ତୁତ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ବ୍ଲକ ଯୁବ କଂଗ୍ରେସ ସଭାପତି ଦିଲୀପ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଇକ୍ ଚୋରି ଅଭିଯୋଗ

**ଢେଙ୍କାନାଳ ଅଫିସ, ୧୫।୧୨**

ଢେଙ୍କାନାଳ ମହାବୀର ବଜାର ଅଞ୍ଚଳରୁ କୁସୁପଦା ଗ୍ରାମର ରଞ୍ଜନ ସାହୁଙ୍କ ବାଇକ୍ (ନଂ. ଓଡ଼ି ୦୬ ବି ୫୧୬୦) ମଙ୍ଗଳବାର ସନ୍ଧ୍ୟାରେ ଚୋରି ହୋଇଯାଇଛି। ସେ ଏକ ଔଷଧ ଦୋକାନରେ କାମ କରନ୍ତି। ଦୋକାନ ଆଗରେ ବାଇକ୍ ରଖି କୌଣସି କାର୍ଯ୍ୟରେ ଅନ୍ୟ ଏକ ସ୍ଥାନକୁ ଯାଇଥିବା ସୁଯୋଗରେ କେହିଜଣେ ଗାଡ଼ି ଚୋରି କରି ନେଇଯାଇଥିବା ସେ ସଦର ଥାନାରେ ଅଭିଯୋଗ କରିଛନ୍ତି।

# ମହିଳାଙ୍କୁ ଦଳିଦେଲା ଦନ୍ତା



ଉତ୍ତ୍ୟକ୍ତ ଲୋକଙ୍କୁ ବନ ବିଭାଗ ଅଧିକାରୀ ବୁଝାଶୁଝା କରୁଛନ୍ତି।

**ପରଜଙ୍ଗ, ୧୫।୧୨(ଡି.ଏନ.ଏ.)**

- ସୋମବାରଠାରୁ ନିଖୋଜ ଥିଲେ
- ଜମି ପାଖରୁ ମିଳିଲା ବିଖଣ୍ଡିତ ଶରୀର

ଢେଙ୍କାନାଳ ଜିଲା ମହାବିରୋଡ ରେଞ୍ଜରେ ପୁଣି ଥରେ ହିଂସ୍ରଦନ୍ତା ଆତଙ୍କ ଦେଖାଦେଇଛି। ଗୋଠଛଡ଼ା ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରେଣ୍ଟାପାଟ ପଞ୍ଚାୟତ ତଳଗେଙ୍ଗୁଟିଆ ଗ୍ରାମର କୁମ ବେହେରା। ସେ ଗତ ସୋମବାର ଧାନ କାଟିବାକୁ ଯାଇ ଫେରି ନ ଥିଲେ। ମଙ୍ଗଳବାର ଜମି ପାଖରୁ ତାଙ୍କର ବିଖଣ୍ଡିତ ମୃତଦେହ ଜବତ କରାଯାଇଛି। ଅଞ୍ଚଳରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ବନ ବିଭାଗ ହାତୀପଲ ଘଉଡ଼ାଇବାରେ ବିଫଳ ହୋଇଛି। ତେଣୁ ଏଭଳି ଧନଜୀବନ ହାନି ହେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ମୃତ ମହିଳାଙ୍କ ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କୁମ ସୋମବାର ଧାନ କାଟିବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ପତ୍ତା ମିଳି ନ ଥିଲା। ମଙ୍ଗଳବାର କୁମୁସୀ ଜାମୁନାଳି କେନାଲ ନିକଟରେ ତାଙ୍କ ବିଖଣ୍ଡିତ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଥିବା ସ୍ପଷ୍ଟ ହୋଇଛି। ସୂଚନା ଦେବା ସତ୍ତ୍ୱେ ବନ କର୍ମଚାରୀ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ରେଞ୍ଜର ସୁବ୍ରତ ବେହେରା ସଦଳବଳ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ ସହ ଅଞ୍ଚଳରୁ ହାତୀଙ୍କୁ ଘଉଡ଼ାଇବାକୁ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

# ନଦୀ କଇଁଛଙ୍କ ସୁରକ୍ଷା ଚିନ୍ତା

**ଢେଙ୍କାନାଳ ଅଫିସ, ୧୫।୧୨**

**୩୦ଲକ୍ଷରେ ହେବ ପ୍ରକଳ୍ପ**

ଢେଙ୍କାନାଳ ଜିଲାର ବିସ୍ତୀର୍ଣ୍ଣ ନଦୀ ଅବବାହିକା ବିରଳ ପ୍ରଜାତିର କଇଁଛଙ୍କ ସୁରକ୍ଷିତ ଆଶ୍ରୟସ୍ଥଳ ପାଲଟିଛି। ଏମାନଙ୍କୁ ସୁରକ୍ଷା ଦେବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ଉଦ୍ୟମ ଜାରି ରହିଥିବାବେଳେ ବନ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ କରାଯିବାକୁ ଯୋଜନା କରାଯାଉଛି। ଏଥିଲାଗି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। କେବଳ ଏତିକି ନୁହେଁ, କଇଁଛ ଅଣ୍ଡା ଦେଉଥିବା ସ୍ଥାନ ଚିହ୍ନଟ କରି ମାଛ ମାରିବା ଉପରେ କଟକଣା ଜାରି କରାଯିବ। ମାଛ ଧରି ଜୀବିକା ନିର୍ବାହ କରୁଥିବା ବ୍ୟକ୍ତିଙ୍କୁ କଇଁଛଙ୍କ ସୁରକ୍ଷା ଦାୟିତ୍ୱରେ ନିୟୋଜିତ କରାଯିବାକୁ ନିଷ୍ପତ୍ତି ହୋଇଛି।

ବ୍ରାହ୍ମଣୀ ନଦୀ ତଟବର୍ତ୍ତୀ ବଣସିଂହ, ଶଙ୍କରପୁର, ରାଧାଦେଇପୁର, ରାଙ୍କିଆ ମଧୁର ଜଳ କଇଁଛଙ୍କ ପ୍ରଜନନସ୍ଥଳୀ ପାଲଟିଛି। ନଭେମ୍ବରରୁ ଫେବୃୟାରୀ ମଧ୍ୟରେ ଏସବୁ ସ୍ଥାନକୁ ଗଣ ଅଣ୍ଡାଦାନ ପାଇଁ କଇଁଛ ଆସୁଛନ୍ତି। ତେବେ କୋକିଶିଆଳି ସମେତ ଅନ୍ୟ ବନ୍ୟଜନ୍ତୁ ଅଣ୍ଡା ନଷ୍ଟ କରିଦେଉଛନ୍ତି। ତେଣୁ ବିଧିବଦ୍ଧ ଭାବେ ଏକ ପ୍ରକଳ୍ପ କରି କଇଁଛ ଏବଂ ଅଣ୍ଡାକୁ ସୁରକ୍ଷା ଦେବାକୁ ବନ ବିଭାଗ ଚିନ୍ତା କରୁଛି। ଏହି ପରିପ୍ରେକ୍ଷୀରେ ନଦୀକୂଳିଆ ଅଞ୍ଚଳବାସୀଙ୍କୁ ସଚେତନ କରାଯିବ। ଆବଶ୍ୟକ ସମୟରେ ଅଣ୍ଡାଗୁଡ଼ିକୁ ସୁରକ୍ଷିତ ରଖିବାକୁ ହାଚେରି ହେବ। ନଦୀରେ ପାଣି ଆସିଲେ ଅଣ୍ଡାଗୁଡ଼ିକୁ ସେଠାକୁ ସ୍ଥାନାନ୍ତର କରାଯିବ। ପାଣି ଛାଡିଲେ ପୁଣି ଅଣ୍ଡାଗୁଡିକ ଯଥା ସ୍ଥାନରେ ଆଣି ରଖାଯିବ। ଏହି କାର୍ଯ୍ୟରେ ସହଯୋଗ କରୁଥିବା ଲୋକଙ୍କୁ ଆର୍ଥିକ ସହାୟତା ବ୍ୟବସ୍ଥା ରହିବ। ୩ଦିନ ତଳେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ଡା. ପ୍ରକାଶଚାନ୍ଦ ଗୋଗିନେନି କଇଁଛ ଅଣ୍ଡାଦେବା ସ୍ଥାନ ପରିଦର୍ଶନ କରିଛନ୍ତି। ଏହାପରେ ପ୍ରକଳ୍ପକୁ ଚୂଡ଼ାନ୍ତ ରୂପ ଦେବାକୁ ପ୍ରସ୍ତୁତି ଆରମ୍ଭ କରାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ରାଜସ୍ୱ ଆଦାୟ ବଢ଼ାଅ

**ଢେଙ୍କାନାଳ ଅଫିସ, ୧୫।୧୨**




ବୈଠକରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

- ଇ-ପୋର୍ଟାଲରେ ଖଜଣା ସଂଗ୍ରହ କରିବାକୁ ପରାମର୍ଶ
- ଯୋଗ୍ୟ ହିତାଧିକାରୀଙ୍କୁ ଯଥାଶୀଘ୍ର ପଟ୍ଟା ପ୍ରଦାନକୁ ଗୁରୁତ୍ୱ
- ବେଆଇନ ଖାଦାନରୁ ଚାଲାଣ ରୋକିବାକୁ ଅଗ୍ରାଧିକାର

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର ପୂର୍ବାହ୍ନରେ ରାଜସ୍ୱ ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରି ସବ୍ ରେଜିଷ୍ଟ୍ରାର, ଅବକାରୀ ସମେତ ଅନ୍ୟ ବିଭାଗର ରାଜସ୍ୱ ଆୟ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜସ୍ୱ ବଢ଼ାଇବାକୁ ହେଲେ ଲଘୁ ଖଣିଜ ପଦାର୍ଥ ଲିଜ୍ ଯୋଗ୍ୟ ଖାଦାନଗୁଡ଼ିକ ନିଲାମ କରିବାକୁ ପଡ଼ିବ। ବ୍ୟାପକ ଚଢ଼ାଉ ଦ୍ୱାରା ବେଆଇନ ଖାଦାନରୁ ଚୋରା ଚାଲାଣ ରୋକାଯାଇପାରିବ। ଲିଜ୍ ଅଯୋଗ୍ୟ ଖଣି ଖାଦାନରେ ଚଢ଼ାଉ କରି ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କଠାରୁ ଜରିମାନା ଆଦାୟ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀମାନେ ନିଷ୍ଠାପର ଭାବେ କାମ କଲେ ରାଜସ୍ୱ ଆଦାୟରେ ଢେଙ୍କାନାଳ ଜିଲା ରାଜ୍ୟରେ ଅଗ୍ରଣୀ ହେବ। ଏଥିଲାଗି ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ଏହି ଅବସରରେ ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରି ପଟ୍ଟା ପ୍ରଦାନ, ରାଜସ୍ୱ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଇ-ପୋର୍ଟାଲ ମାଧ୍ୟମରେ ଖଜଣା ଆଦାୟ କରିବା ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି, ବିଭିନ୍ନ ତହସିଲରେ ପଡ଼ି ରହିଥିବା କିସମ ପରିବର୍ତ୍ତନ, ଭାଗବଣ୍ଟା, ମ୍ୟୁଟେଶନ, ସୀମା ନିର୍ଦ୍ଧାରଣ ମକଦ୍ଦମାଗୁଡ଼ିକୁ ନିର୍ଦ୍ଧାରିତ ସମୟ ଭିତରେ ଫଇସଲା କରିବାକୁ ପରାମର୍ଶ ଦିଆଯାଇଥିଲା। ଆକାଂକ୍ଷା ଜିଲାଗୁଡ଼ିକୁ ନେଇ ପ୍ରକାଶିତ ଡେଲ୍‌ଟା ର୍ୟାଙ୍କିଙ୍ଗ (୨୦୨୦ ଅକ୍ଟୋବର)ରେ ମୌଳିକ ଆଧାରିତ ସଂରଚନା ଶ୍ରେଣୀରେ ଢେଙ୍କାନାଳ ସର୍ବଭାରତୀୟସ୍ତରରେ ୩ୟ ସ୍ଥାନ ଅଧିକାର କରିଛି। ଜିଲାକୁ ୩ କୋଟି ଟଙ୍କା ପୁରସ୍କାର ରାଶି ମିଳିଛି। ସମସ୍ତ ଅଧିକାରୀଙ୍କ ନିଷ୍ଠାପର ଉଦ୍ୟମ ଲାଗି ଏହା ସମ୍ଭବ ହୋଇପାରିଛି ବୋଲି ଜିଲାପାଳ କହିଥିଲେ। ବୈଠକରେ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଉଦୟନାଥ ମହାପାତ୍ର, ଡେପୁଟି କଲେକ୍ଟର (ପିଜି ସେଲ) ସୀତାଂଶୁ ଶେଖର ଦାସ, ଡେପୁଟି କଲେକ୍ଟର ସୌଦାମିନୀ ସାହୁ, ଆପାତକାଳିନ ଅଧିକାରୀ ଶଶାଙ୍କ ଶେଖର ମିଶ୍ର, ଅବକାରୀ ଅଧୀକ୍ଷକ ମନୋଜ ସେଠୀ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବୁଧବାର, ଡିସେମ୍ବର ୧୬, ୨୦୨୦

## ମୋ ସ୍କୁଲ ଅଭିଯାନ ବୈଠକ

**ମାଧପୁର:** ଆଠମଲ୍ଲିକ ବ୍ଲକ ମାଧପୁର ପଞ୍ଚାୟତ କୁନ୍ଦନାଲୀ ପ୍ରାଥମିକ ବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ମୋ ସ୍କୁଲ ଅଭିଯାନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସବିତା କର୍ମୀ ଅଭିଯାନର ରୂପରେଖ ଉପରେ ଆଲୋକପାତ କରିଥିବା ବେଳେ ଶିକ୍ଷକ ବାସ ପଲେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୁରାତନ ଛାତ୍ର ସୁଶାନ୍ତ ପ୍ରଧାନଙ୍କୁ ସଭାପତି ଚୟନ କରାଯାଇଥିଲା। ଏହାସହ ୧୦ ଜଣିଆ କମିଟି ମଧ ଗଠନ ହୋଇଥିଲା। ବହୁ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



# ପ୍ରକୃତିକୁ ଫେରନ୍ତୁ ପର୍ଯ୍ୟଟକ


ଖାଁ ଖାଁ ମାନଜୋର ପର୍ଯ୍ୟଟନସ୍ଥଳୀ।

**ଅନୁଗୋଳ ଅଫିସ, ୧୫।୧୨**

- କଟକଣା ପାଇଁ ଶିଥିଳ ପଡ଼ିଛି ପର୍ଯ୍ୟଟନ ଶିଳ୍ପ
- ଭୋଜିଭାତ ନିମନ୍ତେ ମିଳୁନି ଅନୁମତି
- ଗତବର୍ଷ ଅନୁଗୋଳ ଆସିଥିଲେ ୧୦ ଲକ୍ଷ ଅତିଥି

ରାଜ୍ୟ ପର୍ଯ୍ୟଟନରେ ଅନୁଗୋଳ ଜିଲାର ବେଶ୍ ଗୁରୁତ୍ୱ ରହିଛି। ସରକାରୀ ମାନଚିତ୍ରରେ ଏଠାକାର ୧୩ଟି ପର୍ଯ୍ୟଟନସ୍ଥଳୀ ସ୍ଥାନ ପାଇଛି। ସେଥିରୁ ସାତକୋଶିଆର ସୌନ୍ଦର୍ଯ୍ୟ କାହାକୁ ବା ଅଛପା। ସେଥିପାଇଁ ପ୍ରକୃତିର ଗନ୍ତାଘର ଏହି ଅଭୟାରଣ୍ୟକୁ ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଧାଇଁଆସନ୍ତି ଲକ୍ଷ ଲକ୍ଷ ଅତିଥି। ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ମେଳରେ ବହୁଗୁଣିତ ହୋଇଉଠେ ସାତକୋଶିଆର ଶୋଭା। କିନ୍ତୁ ଚଳିତବର୍ଷ କରୋନା ଯୋଗୁ ଶୂନ୍ୟ ପଡ଼ିଛି ଏହି ପର୍ଯ୍ୟଟନସ୍ଥଳର କୋଳ। କୋଭିଡ୍ କଟକଣା ସାମାନ୍ୟ କୋହଳ ହୋଇଥିଲେ ମଧ ଭୋଜିଭାତ ପାଇଁ ଏଯାଏ ମିଳିନି ସରକାରୀ ଅନୁମତି। ପିକ୍‌ନିକ୍ ଋତୁ ଗଡ଼ିଯାଉଥିବାରୁ ପ୍ରକୃତିକୁ ଉପଭୋଗ ପାଇଁ ସରକାର ପର୍ଯ୍ୟଟକମାନଙ୍କୁ ଅନୁମତି ଦେବାକୁ ଅନୁଗୋଳବାସୀ ଦାବି କରିଛନ୍ତି।

କେବେଠୁ ବଜାରରେ ଗହଳି ଜମିଲାଣି। ମଲ୍‌ଗୁଡ଼ିକରେ ଭିଡ଼ ବଢ଼ିଲାଣି। ଧାର୍ମିକ ଅନୁଷ୍ଠାନ ଖୋଲିବା ନେଇ ସରକାରଙ୍କ ମତିଗତି ସ୍ପଷ୍ଟ ଦିଶିଲାଣି। କିନ୍ତୁ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରୁ କଟକଣା ସମ୍ପୂର୍ଣ୍ଣ ହଟୁନି। ଫଳରେ ପରିବାର, ସାଙ୍ଗସାଥୀଙ୍କ ସହ ବୁଲି ବାହାରିଥିବା ଲୋକେ ଭୋଜିଭାତ କରିପାରୁନାହାନ୍ତି। ଏ ନେଇ ପ୍ରଶାସନ ଅନୁମତି ଦେଉ ନ ଥିବାରୁ ଅଡୁଆରେ ପଡ଼ିଛନ୍ତି ଯୁବପିଢ଼ି। ବିଶେଷକରି ସାତକୋଶିଆ ଅଭୟାରଣ୍ୟ, ରେଙ୍ଗାଳି, ଡେରଜାଙ୍ଗ ଜଳଭଣ୍ଡାର, ତାଳଚେରର ମା ହିଙ୍ଗୁଳା, ଆଠମଲ୍ଲିକର ଦେଉଳଝରୀ, ବିନକେୟୀ, ଅନୁଗୋଳର ଶୈଳଶ୍ରୀକ୍ଷେତ୍ର, ମନ୍ଦରଗିରି ଆଦି ପର୍ଯ୍ୟଟନସ୍ଥଳୀ ଏଯାଏ ଖାଁ ଖାଁ ରହିଛି। ଏସବୁ ସ୍ଥାନ ପ୍ରତି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ କୋଟି କୋଟି ଟଙ୍କାରେ ଉନ୍ନୟନ କାର୍ଯ୍ୟ କରାଯାଉଛି। କିନ୍ତୁ ପ୍ରଶାସନ ପକ୍ଷରୁ ଭୋଜି କରିବାର ସୁଯୋଗ ଦିଆଯାଉ ନ ଥିବାରୁ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳୁନାହିଁ। ଜିଲା ପର୍ଯ୍ୟଟନ ବିଭାଗ ତଥ୍ୟ କହୁଛି, ୨୦୧୬ରେ ଜିଲାକୁ ମୋଟ୍ ୮ ଲକ୍ଷ ୩୬ ହଜାର ୮୩୪ ପର୍ଯ୍ୟଟକ ଆସିଥିଲେ। ୨୦୧୭ରେ ଏହା ବଢ଼ି ୯ ଲକ୍ଷ ୧୦ ହଜାର ୩୯୫ ହୋଇଥିଲା। ୨୦୧୮ରେ ୯ ଲକ୍ଷ ୮୮ ହଜାର ୬୯୯ ଓ ୨୦୧୯ରେ ପ୍ରାୟ ୧୦ ଲକ୍ଷ ପର୍ଯ୍ୟଟକ ଜିଲା ପର୍ଯ୍ୟଟନରେ ସାମିଲ ହୋଇଥିଲେ। ଆଗକୁ ବଡ଼ ଦିନ(ଏକ୍ସମାସ୍) ଛୁଟି ଆସୁଛି। ନୂଆବର୍ଷକୁ ନେଇ ନୂଆ ଉତ୍ସାହ ରହିଛି। କିନ୍ତୁ ପ୍ରଶାସନ ସ୍ଥିତି ସ୍ପଷ୍ଟ କରୁ ନ ଥିବାରୁ ଜିଲା ପର୍ଯ୍ୟଟନକୁ ଲାଭ ମିଳିପାରୁ ନାହିଁ।

### ଗୃହ ବନ୍ଧନରୁ ମୁକ୍ତି ମିଳୁ



କରୋନା କାରଣରୁ ଢେର ଦିନ ହେଲା ଘରେ ବସି ରହିଛୁ। ଏବେ ପୂର୍ବପରି ଆତଙ୍କର ବାତାବରଣ ନାହିଁ। କଟକଣା ମଧରେ ଉପନିର୍ବାଚନ କରାଗଲା। ମାର୍କେଟ, ମଲ୍ ଖୋଲିଦିଆଗଲା। ହେଲେ ପର୍ଯ୍ୟଟନସ୍ଥଳରେ ଭୋଜିଭାତ ଉପରେ କଟକଣା ଉଠାଯାଉ ନାହିଁ। ଗୃହ ବନ୍ଧନରୁ ସରକାର ମୁକ୍ତି ଦେଲେ ଭଲହେବ।

**–ରାଜକୁମାରୀ, ଅନୁଗୋଳ**

### କଟକଣା ମଧରେ ଅନୁମତି ମିଳୁ



କରୋନା ମଧରେ ହିଁ ସବୁକିଛି ସ୍ୱାଭାବିକ ହେଲାଣି। ତେଣୁ ପର୍ଯ୍ୟଟନସ୍ଥଳୀରେ ଭୋଜିଭାତ ଉପରେ କାହିଁକି କଠୋର କଟକଣା ରଖାଯାଇଛି ତାହା ବୁଝାପଡୁନାହିଁ। ଏ ଦିଗରେ ପ୍ରଶାସନ ଗଭୀର ଭାବେ ଚିନ୍ତା କରିବାର ସମୟ ଆସିଯାଇଛି। କଟକଣା ମଧରେ ଏହି ଅନୁମତି ମିଳିଲେ କିଛି ଅସୁବିଧା ହେବ ନାହିଁ।

**–ସତ୍ୟବ୍ରତ ବେହେରା, ଅନୁଗୋଳ**

### ବର୍ଷଟିଏ ଅପେକ୍ଷା କରିବାକୁ ପଡ଼ିବ



୯ ମାସ ହେଲା କୋଭିଡ୍ କଟକଣାକୁ ଲୋକେ ପାଳନ କରୁଛନ୍ତି। ସେଥିପାଇଁ ସଂକ୍ରମଣ ହାର ବେଶ୍ ହ୍ରାସ ପାଇଛି। ସରକାରୀ, ବେସରକାରୀ କାର୍ଯ୍ୟ ପୂର୍ବପରି ଜାରି ରହିଛି। ପର୍ଯ୍ୟଟନ ଋତୁ ଆରମ୍ଭ ହୋଇସାରିଥିବାରୁ ଆଉ ଦିନ କେଇଟା ଭ୍ରମଣର ସୁଯୋଗ ରହିଛି। କଟକଣା କୋହଳ କରା ନ ଗଲେ ପୁଣି ବର୍ଷେ ଅପେକ୍ଷା କରିବାକୁ ପଡ଼ିବ।

**–ନମିତା ମିଶ୍ର, ଅନୁଗୋଳ**

### ସ୍ଥିର କରି ମଧ ଯାଇପାରୁନୁ



ମହାମାରୀର ପ୍ରଭାବ ହ୍ରାସକୁ ଦେଖି ସାଙ୍ଗମାନେ ମିଶି ପିକ୍‌ନିକ୍ ଯିବାକୁ ସ୍ଥିର କରିଛୁ। କିନ୍ତୁ ଭୋଜି ପାଇଁ ଅନୁମତି ମିଳୁ ନ ଥିବାରୁ ଏଯାଏ ଯାଇପାରି ନାହୁଁ। ଜିଲା ପ୍ରଶାସନ କଟକଣା ହଟାଇଲେ ଜିଲାକୁ ଲକ୍ଷ ଲକ୍ଷ ପର୍ଯ୍ୟଟକ ଆସିପାରନ୍ତେ। ରାଜ୍ୟ ସରକାରଙ୍କ ରାଜସ୍ୱ ବୃଦ୍ଧି ସହ ଲୋକଙ୍କୁ ନୂଆ ଉତ୍ସାହ ମିଳିପାରନ୍ତା।

**–ଶ୍ରୀତମ କୁମାର ସାହୁ, ଅନୁଗୋଳ**

### ସରକାରଙ୍କ ନିକଟରୁ ନିର୍ଦ୍ଦେଶ ଆସିନି



ଜିଲାରେ ଥିବା ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତି କରାଯାଇଛି। ଚଳିତବର୍ଷ ଅଧିକ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଇଥିଲା। ତେବେ କୋଭିଡ୍ ପାଇଁ ତାହା ଏଯାଏ ସମ୍ଭବ ହୋଇପାରି ନାହିଁ। ପର୍ଯ୍ୟଟନସ୍ଥଳୀରେ ଭୋଜିଭାତକୁ ସରକାର ଏଯାଏ ଅନୁମତି ଦେଇନାହାନ୍ତି। ନୂଆବର୍ଷରେ ନୂଆ ଗାଇଡ୍‌ଲାଇନ୍‌କୁ ଅପେକ୍ଷା କରାଯାଇଛି।

**–ଜଗଦୀଶ ରାୟ, ଜିଲା ପର୍ଯ୍ୟଟନ ଅଧିକାରୀ**

## ସଂକ୍ଷେପରେ

### ଷ୍ଟେଟ ବ୍ୟାଙ୍କ ପକ୍ଷରୁ ବୀମା ଅର୍ଥ ପ୍ରଦାନ

**ବନ୍ତଳା,୧୫।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ବନ୍ତଳା ଷ୍ଟେଟ ବ୍ୟାଙ୍କ ଶାଖା ତରଫରୁ ଦୁଇ ବୀମାଧାରୀଙ୍କ ଉତ୍ତରାଧିକାରୀଙ୍କୁ ଦୁଇ ଲକ୍ଷ ଟଙ୍କା ଲେଖାଏ ବୀମା ରାଶି ପ୍ରଦାନ କରାଯାଇଛି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ଶାଖା ପରିଚାଳକ ସମରେନ୍ଦ୍ର କୁମାର ସେଠୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ହିତାଧିକାରୀ ପ୍ରମୋଦ ସାହୁ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନାରେ ବାର୍ଷିକ ୩୩୦ ଟଙ୍କାରେ ଏକ ବୀମା କରିଥିଲେ। ଗତ ମେ ୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ବୀମାଧାରୀ ଶିଶିର ବାରିକଙ୍କ ଗତ ଜୁଲାଇ ୨୧ ତାରିଖରେ ମୃତ୍ୟୁ ଘଟିଥିଲା। ଉଭୟ ପରିବାର ପକ୍ଷରୁ ଆବେଦନ କରାଯିବା ପରେ ବ୍ୟାଙ୍କ ତରଫରୁ ଦୁଇ ଲକ୍ଷ ଟଙ୍କା ଲେଖାଏ ବୀମା ରାଶି ପ୍ରଦାନ କରାଯାଇଛି। ଆଞ୍ଚଳିକ ପରିଚାଳକ କେନ୍ଦୁଝରର ମନୋରଞ୍ଜନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଚେକ୍ ପ୍ରଦାନ କରିଥିଲେ। କ୍ୟାଶ୍ ଅଫିସର ନିର୍ମଳ ପାଣି ମିଶ୍ର, କିଶୋର ମୁର୍ମୁ, କ୍ଷେତ୍ର ପରିଚାଳକ ସୁଶାନ୍ତ ମଲିକ, ଚିନ୍ମୟ ପ୍ରଧାନ ଓ ଶାଖାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ପାଣି ଟାଙ୍କି ନିର୍ମାଣକୁ ବିରୋଧ

**ଛେଣ୍ଡିପଦା,୧୫।୧୨(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ କୁକୁରପେଟା ପଞ୍ଚାୟତ ନୂଆମୌଜା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ଠିକା ସଂସ୍ଥା ଓ ବିଭାଗ ପକ୍ଷରୁ ପଲ୍ଲିସଭା କରା ନ ଯାଇ ସରକାରୀ ଜମିରେ ଟାଙ୍କି ନିର୍ମାଣ କରାଯାଉଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ,ଏଠାକାର ସରକାରୀ ପ୍ଲଟରେ ୨୦୦ରୁ ଅଧିକ ମହୁଲ ଓ ୫୦ରୁ ଅଧିକ କାଜୁ ଗଛ ଲାଗିଛି। ରକ୍ଷଣାବେକ୍ଷଣ ସହ ବହୁ ଲୋକ ଏଥିରେ ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ଠିକା ସଂସ୍ଥା ପକ୍ଷରୁ ପଲ୍ଲିସଭା କିମ୍ବା କୌଣସି ଆଲୋଚନା କରା ନ ଯାଇ ଗଛ କାଟିବାକୁ ଉଦ୍ୟମ କରାଯାଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଓ ତହସିଲଦାରଙ୍କ ନିକଟରେ ଅଭିଯୋଗ କରାଯାଇଛି। ବୃକ୍ଷ ନ ଥିବା ସ୍ଥାନରେ ଟାଙ୍କି ନିର୍ମାଣ କରାଯାଉ ବୋଲି ଗ୍ରାମର ପ୍ରମୋଦ ଦେହୁରୀ, ଅଜିତ କୁମାର ଦେହୁରୀ, ଈଶ୍ୱର ଚନ୍ଦ୍ର ଦେହୁରୀ, ମନୋଜ ଦେହୁରୀ, ପବିତ୍ର ଦେହୁରୀ ପ୍ରମୁଖ ଦାବି କରିଛନ୍ତି। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ଦାସ କହିଛନ୍ତି, ଠିକା ସଂସ୍ଥା ଓ ତହସିଲଦାରଙ୍କ ସହ ଆଲୋଚନା ମାଧମରେ ସମସ୍ୟାର ସମାଧାନ କରାଯିବ।

### ବଳାତ୍କାର ଅଭିଯୁକ୍ତ ଗିରଫ

**କଣିହାଁ,୧୫।୧୨(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଡିଲେଶ୍ୱର ବେହେରାଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟଚାଲାଣ କରିଛି। ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି, ସୋମବାର ବଳାତ୍କାର ଅଭିଯୁକ୍ତଙ୍କୁ କେତେଜଣ ଲୋକ ଖୁଣ୍ଟରେ ବାନ୍ଧି ଦେଇଥିବା ଖବର ମିଳିଥିଲା। ପରେ ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରୀ ପରୀକ୍ଷା କରାଇଥିଲା। ରାତି ୯ଟା ପରେ ଥାନାରେ ଅଭିଯୋଗ ହେବାରୁ ଅଭିଯୁକ୍ତ ଡିଲେଶ୍ୱରଙ୍କୁ ଗିରଫ କରାଯାଇଥିଲା।

### ୫୩ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୧୫।୧୨:** ଅନୁଗୋଳ ଜିଲାରେ ମଙ୍ଗଳବାର ୫୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧ ହଜାର ୪୦୯ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧରେ ଛେଣ୍ଡିପଦା ବ୍ଲକରେ ସର୍ବାଧିକ ୧୬, କଣିହାଁ ବ୍ଲକରୁ ୧୦, ବଅଁରପାଳରୁ ୮, ଆଠମଲ୍ଲିକରୁ ୬, ତାଳଚେରରୁ ୭, ପାଲଲହଡ଼ାରୁ ୨, ଅନୁଗୋଳରୁ ୨, ଆଠମଲ୍ଲିକ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୩୨ ଜଣ ସୁସ୍ଥ ହୋଇଥିବା କୁହାଯାଇଛି।

### ଝାମ୍ପିନେଲେ ପେନସନ୍ ଟଙ୍କା

**ଅନୁଗୋଳ ଅଫିସ, ୧୫।୧୨:** ଅନୁଗୋଳ ସହରରେ ପୁଣି ମାତିଛନ୍ତି ଲୁଟେରା। ସେମାନେ ବସ୍‌ଷ୍ଟାଣ୍ଡ ନିକଟରୁ ଶିମିଳିପଡ଼ା ଅଞ୍ଚଳର କେଶବ ଚନ୍ଦ୍ର ମିଶ୍ର(୭୩)ଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। କେଶବ ଷ୍ଟେଟ ବ୍ୟାଙ୍କରୁ ପେନ୍‌ସନ୍ ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ଦୁଇ ଯୁବକ ଏକ ପଲସରରେ ପିଛା କରି ବ୍ୟାଗରେ ଥିବା ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଶିଶୁକନ୍ୟା ମୃତ୍ୟୁକୁ ନେଇ ଉତ୍ତେଜନା

**ପାଲଲହଡ଼ା,୧୫।୧୨(ଡି.ଏନ.ଏ.)**

ଦୁଇ ଦିନର ଶିଶୁ କନ୍ୟାର ମୃତ୍ୟୁକୁ ନେଇ ପାଲଲହଡ଼ା ବ୍ଲକ ଖମାରସ୍ଥିତ ଏକ ନର୍ସିଂହୋମରେ ମଙ୍ଗଳବାର କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ଭୁଲ ଚିକିତ୍ସା ପାଇଁ ପିଲାଟିର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଖମାର ଥାନାରେ ଅଭିଯୋଗ କରାଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ଗତ ୧୩ ତାରିଖରେ ରହିଲା ଗ୍ରାମର ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଉକ୍ତ ନର୍ସିଂହୋମ୍‌ରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୨ଟାରେ ଲକ୍ଷ୍ମୀପ୍ରିୟା ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ସକାଳେ ଜଣେ ନର୍ସ ଶିଶୁଟିକୁ ଏକ ପ୍ରତିଷେଧକ ଇଞ୍ଜେକସନ ଦେଇଥିଲେ। ପରେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ଟିକାକରଣ କରାଯାଇଥିଲା। କିନ୍ତୁ ନର୍ସିଂହୋମ୍‌କୁ ଫେରିବାର ଏକ ଘଣ୍ଟା ପରେ ଶିଶୁକନ୍ୟାଟି ଗୁରୁତର ହେବାରୁ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ତେବେ ନର୍ସିଂହୋମ୍ ପକ୍ଷରୁ ଚିକିତ୍ସାରେ କୌଣସି ଭୁଲ ହୋଇ ନ ଥିବା ପରିଚାଳକ ସୁଶାନ୍ତ କୁମାର ପ୍ରଧାନ କହିଛନ୍ତି ।

### ଗଳିତ ମୃତଦେହ ଜବତ

**ପାଲଲହଡ଼ା/ ଖମାର, ୧୫।୧୨(ଡି.ଏନ.ଏ.)**

୧୫ ଦିନ ତଳୁ ନିଖୋଜ ଥିବା ଦିବ୍ୟାଙ୍ଗ ଯୁବକ ସିନ୍ଧୁ ଗୁଣ୍ଡିଙ୍କ ମୃତଦେହ ମଙ୍ଗଳବାର ପାଲଲହଡା ଥାନା ଜୟପୁର ଦଣ୍ଡାହୁଳି ଜଙ୍ଗଲରୁ ଜବତ ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହାତୀ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସକାଳୁ ଗାଁ ଲୋକେ ଜଙ୍ଗଲକୁ ଯାଇଥିବା ବେଳେ ଏକ ଗଳିତ ମୃତଦେହ ପଡିଥିବା ଦେଖିଥିଲେ। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ


ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ଛେଣ୍ଡିପଦା ବିଧାୟକ।

**ଛେଣ୍ଡିପଦା,୧୫।୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମଙ୍ଗଳବାର କଣଲୋଇ ପଞ୍ଚାୟତରେ ମଶାରି ବଣ୍ଟନ କରିବା ସହ ପାତ୍ରପଡା ପର୍ଯ୍ୟଟନସ୍ଥଳୀ ଗସ୍ତକରି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଧୀରେନ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ମଶାରି ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ବେହେରା ମୁଖ୍ୟଅତିଥି ଓ ତାଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କଣଲୋଇ ସରପଞ୍ଚ ଜୟନ୍ତୀ ଗଡନାୟକ, ସମିତିସଭ୍ୟ ହରେକୃଷ୍ଣ ମାଝି, ଜିଲାପରିଷଦ ସଭ୍ୟାଙ୍କ ପ୍ରତିନିଧି ନଗେନ ପ୍ରଧାନ, କୋଷାଧକ୍ଷ ନିରାକାର ସାହୁ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା ପ୍ରେମାଞ୍ଜନ ପଣ୍ଡା ସାମିଲ ଥିଲେ। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସଞ୍ଜୟ କୁମାର ବେହେରା ପରିଚାଳନା କରିଥିଲେ। ଏହାପରେ ବିଧାୟକ ପାତ୍ରପଡାସ୍ଥିତ ମା' ବାଟ ବାୟାଣୀଙ୍କ ଦର୍ଶନ କରିବା ସହିତ ନୂତନ ମନ୍ଦିର, ପାର୍କ, ବୋଟିଂ ସ୍ଥାନ ବୁଲି ଦେଖିଥିଲେ। ପାତ୍ରପଡା ସରପଞ୍ଚ ଯୋଗେଶ୍ୱର ସାହୁ, ଗ୍ରାମ ସଭାପତି ଚୈତନ୍ୟ ସାହୁ, ପୂର୍ବତନ ଅଧକ୍ଷ ଲୋକନାଥ ସାହୁ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ବରସାହି ସରପଞ୍ଚ ବିଜୟ ଗଡନାୟକ, ପୂର୍ବତନ ସରପଞ୍ଚ ସୌଭାଗ୍ୟ ସାହୁ, ଧରଣୀ ସର ପ୍ରମୁଖ ଉପସ୍ଥିତ ଥିଲେ।

## ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କ ସନ୍ଦେହଜନକ ମୃତ୍ୟୁ

**ଛେଣ୍ଡିପଦା, ୧୫।୧୨ (ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା ନୂଆଁପଡାଠାରେ ଥିବା ଏକ ପେଟ୍ରୋଲ ପମ୍ପ ମ୍ୟାନେଜର ଦୀନବନ୍ଧୁ ଦେହୁରୀ(୪୦)ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କ ଘର ଦେବଗଡ ଜିଲା କୁଣ୍ଢେଇଗୋଲା ଥାନା ନୂଆଁପଡା ଗ୍ରାମରେ। ସୋମବାର ସଂଧ୍ୟାରେ ସେ ଶୌଚ ହେବା ପାଇଁ ଯାଇ ଫେରି ନ ଥିଲେ। କର୍ମଚାରୀମାନେ ଖୋଜାଖୋଜି କରି ପମ୍ପ ଶୌଚାଳୟଠାରୁ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଦୀନବନ୍ଧୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୨୧/୨୦ରେ ଏକ ମାମଲା ରୁଜୁ ସହ ଘଟଣାର ତଦନ୍ତ କରାଯାଉଥିବା ପୋଲିସ ପ୍ରକାଶ କରିଛି।

## ପର୍ଯ୍ୟଟନ କ୍ଷେତ୍ର ପରିଦର୍ଶନ

**କଣିହାଁ,୧୫।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ମଙ୍ଗଳବାର କଣିହାଁ ବ୍ଲକ ଗସ୍ତ କରିଥିଲେ। ପୂର୍ବାହ୍ନରେ ବ୍ଲକ କାର୍ଯ୍ୟାଳୟରେ ଜନକଲ୍ୟାଣ କାର୍ଯ୍ୟକ୍ରମର ସମୀକ୍ଷା କରିବା ପରେ ହନୁମାନପୁର, ଦେନାଳୀ ଗ୍ରାମ ଅଙ୍ଗନୱାଡି କେନ୍ଦ୍ର, କେନ୍ଦୁବେରେଣୀରେ ନିର୍ମାଣ ହୋଇଥିବା ଡ୍ରେନ୍ ବୁଲି ଦେଖିଥିଲେ। ରେଙ୍ଗାଳି ପଞ୍ଚାୟତ ଦେନାଳୀସ୍ଥିତ ରାମେଶ୍ୱର ଶୈବପୀଠରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କାର୍ଯ୍ୟ ତଦାରଖ କରିଥିଲେ। ଆସନ୍ତା ୩ ମାସ ମଧରେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଥିବା ରାମେଶ୍ୱର, ତାଳପଦା ଓ ବିରୁ ପଞ୍ଚାୟତ ବୁଲାଝର ପର୍ଯ୍ୟଟନସ୍ଥଳୀର ବିକାଶ ସାରିବାକୁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ସହିତ ବିଡିଓ ରମେଶ କୁମାର ଜେନା, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


ଦେନାଳୀ ପର୍ଯ୍ୟଟନସ୍ଥଳୀରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

## କେନ୍ଦ୍ର ଯୁଗ୍ମ ସଚିବଙ୍କ ନାଲ୍‌କୋ ପରିଦର୍ଶନ


ପ୍ଲାଣ୍ଟ ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ଅଧିକାରୀ।

**ବଅଁରପାଳ,୧୫।୧୨(ଡି.ଏନ.ଏ.)**

କେନ୍ଦ୍ର ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ସତ୍ୟେନ୍ଦ୍ର ସିଂ ଓ ନିର୍ଦ୍ଦେଶକ ସଞ୍ଜୀବ ବର୍ମା ମଙ୍ଗଳବାର ନାଲ୍‌କୋ ପ୍ଲାଣ୍ଟ ପରିଦର୍ଶନ କରିଛନ୍ତି। ସ୍ମେଲଟର ପ୍ଲାଣ୍ଟର ପଟ୍‌ଲାଇନ, କାଷ୍ଟ ହାଉସ, ଆରପିୟୁ, କାର୍ବନ ଏରିଆ ସମେତ ବିଭିନ୍ନ ବିଭାଗ ଦୁଇ ଅଧିକାରୀ ବୁଲି ଦେଖିଥିଲେ। ଏଥିସହ ସିପିପି ପ୍ଲାଣ୍ଟ ଓ ଆଲୁମିନିୟମ ପାର୍କ ପରିଦର୍ଶନ କରିଥିଲେ। ପ୍ଲାଣ୍ଟର ସମସ୍ୟା, କର୍ମଚାରୀଙ୍କ ସୁବିଧା ଓ ଅସୁବିଧା ସହ ସୁପରିଚାଳନା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହି ପରିଦର୍ଶନ ବେଳେ ନାଲ୍‌କୋ ପିଆଣ୍ଡଟି ନିର୍ଦ୍ଦେଶକ ମନସା ପ୍ରସାଦ ମିଶ୍ର, ଇଡି ଅମ୍ବିକା ପ୍ରସାଦ ପଣ୍ଡା, ମହାପ୍ରବନ୍ଧକ ଏସ୍‌ଏନ୍ ସାହୁ, ସ୍ମେଲଟର ମହା ପ୍ରବନ୍ଧକ ମୃତ୍ୟୁଞ୍ଜୟ ଦାସ, ପ୍ରଶାସନିକ ଅଧିକାରୀ ରାଜାରାମ ମିଶ୍ରଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ପରେ ନେପୁ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## କୋର୍ ଜଙ୍ଗଲରୁ ବିସ୍ଥାପିତ ହେବ ୩ ଗାଁ

**ଅନୁଗୋଳ ଅଫିସ, ୧୫।୧୨**


ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହେଉଛି।

- ନୂଆ ରାଇଗୁଡ଼ାବାସୀଙ୍କ ସହ ପ୍ରଶାସନର ଆଲୋଚନା
- ସମସ୍ୟା ସମାଧାନ ଉପରେ ବୈଠକରେ ଗୁରୁତ୍ୱ
- ଖୋଳାଯିବ ପୋଖରୀ, ଚାଷୀଙ୍କୁ ମିଳିବ ସାର, ବିହନ

ଅନୁଗୋଳ ଜିଲା ସାତକୋଶିଆ କୋର୍ ଜଙ୍ଗଲରୁ ଆଉ ତିନୋଟି ଗ୍ରାମକୁ ବିସ୍ଥାପନ କରାଯିବ। ଏହି ଗାଁ ଗୁଡ଼ିକର ଠିକଣା ନୂଆ ରାଇଗୁଡ଼ା ହେବ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମଙ୍ଗଳବାର ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଉପଜିଲାପାଳ ବାସୁଦେବ ଶତପଥୀଙ୍କ କାର୍ଯ୍ୟାଳୟରେ ନୂଆ ରାଇଗୁଡ଼ାବାସୀଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଆଲୋଚନା କରିଛନ୍ତି। ଏହି ଅବସରରେ ନୂଆ ରାଇଗୁଡ଼ାବାସୀଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ହୋଇ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ସାତକୋଶିଆରେ ବ୍ୟାଘ୍ର ବଂଶ ବୃଦ୍ଧି ପାଇଁ କୋର୍ ଜଙ୍ଗଲରୁ ୭୮ ପରିବାରକୁ ୨୦୧୭ରେ ବିସ୍ଥାପିତ କରାଯାଇ ନୂଆ ରାଇଗୁଡ଼ାରେ ଥଇଥାନ କରାଯାଇଥିଲା। ସେବେଠାରୁ ନୂଆ ରାଇଗୁଡ଼ାବାସୀ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଅବଗତ କରିଥିଲେ। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ ରାଜସ୍ୱ ବିଭାଗ ଅଧିକାରୀ, ଜଙ୍ଗଲ, ବ୍ୟାଙ୍କ, ବିଦ୍ୟୁତ୍, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଓରମାସ, କୃଷି ବିଭାଗ ଅଧିକାରୀ ଓ ଅଞ୍ଚଳବାସୀଙ୍କୁ ନେଇ ବୈଠକ କରାଯାଇଥିଲା। ବିଶେଷକରି ଲୋକମାନେ କିଭଳି ଅଧିକ ରୋଜଗାରକ୍ଷମ ହୋଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଗାଁରେ ପୋଖରୀ ଖୋଳିବା, ରାସ୍ତା କଂକ୍ରିଟ୍ କରିବା, ଅଙ୍ଗନୱାଡ଼ି କେନ୍ଦ୍ର, ନୂଆ ବିଦ୍ୟାଳୟ କରାଯିବା ଉପରେ ଆଲୋଚନା ହୋଇଥିଲା। ବିହନ ଓ ସାର ପାଇବାରେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ କୃଷି ବିଭାଗ ଦୃଷ୍ଟି ଦେବାକୁ ଅତିରିକ୍ତ ଜିଲାପାଳ ଶତପଥୀ ନିର୍ଦ୍ଦେଶ ଦେଇଥିଲେ। କେତେକ ପରିବାରର ଘର ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ତୁରନ୍ତ ତାହା ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ଆସନ୍ତା ଦିନରେ କୋର୍ ଜଙ୍ଗଲରୁ ଆସନବାହାଳି, କଟରଙ୍ଗ ଓ ଟୁଲୁଙ୍ଗା ଗ୍ରାମକୁ ବିସ୍ଥାପନ କରାଯିବ। ତେଣୁ ନୂଆ ରାଇଗୁଡ଼ାବାସୀ ସମସ୍ତ ସୁବିଧା ପାଇଲେ ଅନ୍ୟ ଗ୍ରାମବାସୀ ଅତି ସହଜରେ ବିସ୍ଥାପନ ପାଇଁ ରାଜି ହୋଇପାରିବେ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

